# NATIONAL NEWS BULLETIN (ODIA)

## 6 December - 2024

### Morning Bulletin : 7.15 a.m.

***********************************

## ମୁଖ୍ୟ ସମ୍ବାଦ

- ଡକ୍ଟର ବି.ଆର୍. ଆମ୍ବେଦକରଙ୍କ ଅଣସ୍ତରୀତମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆଜି ଦେଶ ପାଳନ କରୁଛି ମହାପରିନିର୍ବାଣ ଦିବସ ।

- ନୂଆଦିଲ୍ଲୀର ଭାରତ ମଣ୍ଡପମ ଠାରେ ଆଜି ଅଷ୍ଟଲକ୍ଷ୍ମୀ ମହୋତ୍ସବ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

- ଭାରତୀୟ ରିଜର୍ଭ ବ୍ୟାଙ୍କ୍ ଆଜି ଘୋଷଣା କରିବ ଦ୍ୱିମାସିକ ମୁଦ୍ରାନୀତି ।

- ବିକଶିତ ଭାରତ କୁଇଜ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ସମୟସୀମାକୁ ଚଳିତ ମାସ ୧୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ।

ଏବଂ

- ଆଜି ୧୯ ବର୍ଷରୁ କମ୍ ଏସିଆକପ୍ ଦିନିକିଆ କ୍ରିକେଟ୍ ସେମିଫାଇନାଲ୍‌ରେ ଭାରତ-ଶ୍ରୀଲଙ୍କା ଏବଂ ପାକିସ୍ତାନ-ବାଂଲାଦେଶ ମଧ୍ୟରେ ମୁକାବିଲା ।

## ମହାପରିନିର୍ବାଣ ଦିବସ

ଭାରତୀୟ ସମ୍ବିଧାନର ମୁଖ୍ୟ କର୍ଣ୍ଣଧାର ଭାରତରତ୍ନ ଡକ୍ଟର ବି.ଆର୍.ଆମ୍ବେଦକରଙ୍କ ଅଣସ୍ତରୀତମ ଶ୍ରାଦ୍ଧ ବାର୍ଷିକୀରେ ଆଜି ମହାପରିନିର୍ବାଣ ଦିବସ ପାଳନ କରାଯାଉଛି । ଏହି ଦିବସରେ ଦେଶ ବାବାସାହେବ ଆମ୍ବେଦକରଙ୍କ ଶିକ୍ଷା ଏବଂ ଏକ ନ୍ୟାୟ ସମ୍ପନ୍ନ ସମାଜ ଗଠନ ପାଇଁ ପ୍ରତିବଦ୍ଧତାକୁ ସ୍ୱୀକାର ସ୍ୱରୂପ ଶ୍ରଦ୍ଧାସୁମନ ଅର୍ପଣ କରୁଛି ।

ଦେଶ ନିର୍ମାଣରେ ଡକ୍ଟର ଆମ୍ବେଦକରଙ୍କ ଅବଦାନ ଉପରେ ଆଲୋକପାତ କରିବା ପାଇଁ ସମଗ୍ର ଦେଶରେ ଆଜି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼୍, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଅନ୍ୟ ସାଂସଦଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିମାନେ ନୂଆଦିଲ୍ଲୀ ସ୍ଥିତ ସଂସଦ ଭବନ ପରିସରରେ ଥିବା ପ୍ରେରଣା ସ୍ଥଳରେ ଡକ୍ଟର ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବେ ।

ଡକ୍ଟର ଆମ୍ବେଦକର ଏକାଧାରରେ ଜଣେ ଆଇନ୍‌ଜୀବୀ, ଅର୍ଥନୀତିଜ୍ଞ ଏବଂ ସମାଜ ସଂସ୍କାରକ ଥିଲେ । ସେ ଜାତିଭିତ୍ତିକ ଭେଦଭାବକୁ ଦୂର କରି ସମାନତା ଆଣିବା ପାଇଁ ନିଜ ଜୀବନ ଉତ୍ସର୍ଗ କରିଥିଲେ । ୧୯୯୦ ମସିହାରେ ମରଣୋତ୍ତର ଭାବେ ବାବା ସାହେବଙ୍କୁ ଭାରତରତ୍ନ ପ୍ରଦାନ କରାଯାଇଥିଲା ।

## ମୁମ୍ବାଇ-ମହାପରିନିର୍ବାଣ ଦିବସ

ମହାରାଷ୍ଟ୍ରରେ ଆଜି ମହାପରିନିର୍ବାଣ ଦିବସ ଅବସରରେ ମୁମ୍ବାଇ ସ୍ଥିତ ବାବାସାହେବ ଡକ୍ଟର ବି.ଆର୍. ଆମ୍ବେଦକରଙ୍କ ଅନ୍ତିମ ବିଶ୍ରାମ ସ୍ଥଳ ଚୈତ୍ୟ ଭୂମିରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ସେଠାରେ ପ୍ରବଳ ଜନସମାଗମକୁ ନିୟନ୍ତ୍ରଣ କରିବା ଲାଗି ବ୍ୟାପକ ପ୍ରସ୍ତୁତି କରାଯାଇଛି । ସାରା ଦେଶରୁ ଲକ୍ଷ ଲକ୍ଷ ଲୋକ ସେଠାରେ ଏକତ୍ର ହେବାର ସମ୍ଭାବନା ରହିଛି ।

ଗ୍ରେଟର ମୁମ୍ବାଇ ମହାନଗର ନିଗମ ପକ୍ଷରୁ ଜନଗହଳି ନିୟନ୍ତ୍ରଣ ଲାଗି ଅସ୍ଥାୟୀ ମଣ୍ଡପ ଓ ଆଶ୍ରୟସ୍ଥଳୀ ପ୍ରତିଷ୍ଠା ସହ କଣ୍ଟ୍ରୋଲ୍ ରୁମ୍, ଆମ୍ବୁଲାନ୍ସ ଓ ପାନୀୟ ଜଳ ବ୍ୟବସ୍ଥା କରାଯାଇଛି । ଏହି ଅବସରରେ ସେଠାରେ ଡକ୍ଟର ଆମ୍ବେଦକରଙ୍କ ଜୀବନୀ, ସଫଳତା ଓ ଅବଦାନକୁ

ସମ୍ମାନ ଜଣାଇ ୧ ଲକ୍ଷ ଭୀମ ତୁମ୍‌ହା ବନ୍ଦନା ପୁସ୍ତିକାର ମାଗଣା ବର୍ଣ୍ଟନ କରାଯିବ ବୋଲି ଜଣାପଡ଼ିଛି ।

## ପିଏମ୍-ଅଷ୍ଟଲକ୍ଷ୍ମୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀର ଭାରତ ମଣ୍ଡପମ ଠାରେ ଅଷ୍ଟଲକ୍ଷ୍ମୀ ମହୋତ୍ସବ ଉଦ୍‌ଘାଟନ କରିବେ । ତିନିଦିନ ଧରି ଚାଲିବାକୁ ଥିବା ଏହି ମହୋତ୍ସବରେ ଉତ୍ତର ପୂର୍ବାଞ୍ଚଳର ସମସ୍ତ ୮ଟି ରାଜ୍ୟର ସଂସ୍କୃତି, ବୟନ ଶିଳ୍ପ, କାରିଗରୀ, ହସ୍ତଶିଳ୍ପ, ପର୍ଯ୍ୟଟନ ସୁଯୋଗ ଏବଂ ଅନନ୍ୟ ଉତ୍ପାଦ ପ୍ରଦର୍ଶିତ ହେବ । ଏଥିରେ ଭାଗ ନେବାକୁ ଥିବା ୮ଟି ରାଜ୍ୟ ହେଉଛି – ଅରୁଣାଚଳ ପ୍ରଦେଶ, ଆସାମ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ସିକ୍କିମ୍ ଓ ତ୍ରିପୁରା ।

ଏହି ମହୋତ୍ସବରେ ୨୫୦ରୁ ଅଧିକ କାରିଗର ୩୪ଟି ଜି.ଆଇ. ଟ୍ୟାଗ୍ ଯୁକ୍ତ ସାମଗ୍ରୀ ସମେତ ଅନନ୍ୟ ହସ୍ତଶିଳ୍ପ, ହସ୍ତତନ୍ତ ଓ କୃଷିଜାତ ଦ୍ରବ୍ୟ ପ୍ରଦର୍ଶନ କରିବେ । କାର୍ଯ୍ୟକ୍ରମରେ ଫ୍ୟାସନ୍ ଶୋ’, ଡିଜାଇନ୍ କନ୍‌କ୍ଲେଭ୍ ଏବଂ କ୍ରେତାବିକ୍ରେତା ସାକ୍ଷାତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ତେବେ ଏଥିରେ ହେବାକୁ ଥିବା ଗ୍ରାମୀଣ ହାଟ ବଜାରରେ ୩୨୦ ଜଣ କୃଷକ ଓ କାରିଗର ସେମାନଙ୍କ ଉତ୍ପାଦିତ ଦ୍ରବ୍ୟ ଓ କଳା ସାମଗ୍ରୀ ପ୍ରଦର୍ଶନ କରିବେ । ଏହି ମହୋତ୍ସବ ଉତ୍ତର ପୂର୍ବାଞ୍ଚଳର କାରିଗର, ହସ୍ତଶିଳ୍ପ,

ବୁଣାକାର ଓ ଉଦ୍ୟୋଗୀଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି କରିବ ବୋଲି ଆଶା କରାଯାଉଛି ।

## ଆର୍‌ବିଆଇ-ମନିଟାରୀ ପଲିସି

ଭାରତୀୟ ରିଜର୍ଭ ବ୍ୟାଙ୍କ୍ ଆଜି ଦ୍ୱିମାସିକ ମୁଦ୍ରାନୀତି ଘୋଷଣା କରିବ । ରିଜର୍ଭ ବ୍ୟାଙ୍କ୍ ଗଭର୍ଣ୍ଣର ଶକ୍ତିକାନ୍ତ ଦାସଙ୍କ ଅଧ୍ୟକ୍ଷତାରେ ଗଠିତ ମୁଦ୍ରାନୀତି ଗତ ବୁଧବାର ଠାରୁ ମୁଦ୍ରାସ୍ଫିତି ନେଇ ତିନି ଦିନିଆ ଆଲୋଚନା ଆରମ୍ଭ କରିଛନ୍ତି । ବିଶେଷଜ୍ଞଙ୍କ ମତରେ କେନ୍ଦ୍ରୀୟ ବ୍ୟାଙ୍କ୍ ରେପୋରେଟ୍‌ରେ କୌଣସି ପରିବର୍ତ୍ତନ ନ କରିବାର ସମ୍ଭାବନା ରହିଛି । ତେବେ କ୍ୟାସ୍ ରିଜର୍ଭ ଅନୁପାତ କ୍ଷେତ୍ରରେ କିଛିଟା ପରିବର୍ତ୍ତନ ହୋଇପାରେ ।

୨୦୨୩ ଫେବୃୟାରୀରୁ ରିଜର୍ଭ ବ୍ୟାଙ୍କ୍ ରେପୋରେଟ ହାର ୬ ଦଶମିକ୍ ୫ ପ୍ରତିଶତରେ ଅପରିବର୍ତ୍ତିତ ରଖିଛି । ଅନ୍ୟ ପକ୍ଷରେ ୨୦୨୨ ପରଠାରୁ କ୍ୟାସ୍ ରିଜର୍ଭ ରେସିଓ ୪ ଦଶମିକ୍ ୫ ପ୍ରତିଶତରେ ଅପରିବର୍ତ୍ତିତ ଥିବା ବେଳେ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରେ ଆର୍ଥିକ ଗତି ଆଣିବା ଲାଗି ଏହା ହ୍ରାସ କରାଯିବାର ସମ୍ଭାବନା ରହିଛି ।

# ପିଏମ୍-ଭୁଟାନ

ଭୁଟାନର ରାଜା ଜିଗ୍‌ମେ ଖେଶର ନାମ୍‌ଗେଲ ଓ୍ୱାଙ୍ଗଚୁକ୍ ଏବଂ ରାଣୀ ଜେଟ୍‌ସନ ପେମା ଓ୍ୱାଙ୍ଗଚୁକ୍ ନୂଆଦିଲ୍ଲରେ  ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି। ଭୁଟାନର ପ୍ରଗତି ଏବଂ ବିକାଶରେ ରାଜା ଓ୍ୱାଙ୍ଗଚୁକ୍‌ଙ୍କ ଦୃଷ୍ଟିକୋଣକୁ ଶ୍ରୀ ମୋଦୀ ଉଚ୍ଚପ୍ରଶଂସା କରିଛନ୍ତି। ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତ  ଓ ଭୁଟାନ୍ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ପାଇଁ ଉଭୟ ଦେଶ ପ୍ରତିଶ୍ରୁତିବଦ୍ଧ। ସୂଚନାଯୋଗ୍ୟ, ଦୁଇଦିନିଆ ଭାରତ ଗସ୍ତରେ ଆସି ଭୁଟାନର ରାଜା ଏବଂ ରାଣୀ ଗତକାଲି ନୂଆଦିଲ୍ଲୀରେ ପହଞ୍ଚିଥିଲେ। ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର ସେମାନଙ୍କୁ ବିମାନବନ୍ଦରରେ ସ୍ୱାଗତ କରିଥିଲେ ।

# ଝାଡ଼ଖଣ୍ଡ-ମନ୍ତ୍ରିମଣ୍ଡଳ

ଝାଡ଼ଖଣ୍ଡରେ ହେମନ୍ତ ସୋରେନଙ୍କ ନେତୃତ୍ୱାଧୀନ ସରକାରର ମନ୍ତ୍ରିମଣ୍ଡଳ ଗତକାଲି ଶପଥ ଗ୍ରହଣ କରିଛି। ରାଞ୍ଚିସ୍ଥିତ ରାଜଭବନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ରାଜ୍ୟପାଳ ସନ୍ତୋଷ କୁମାର ଗଙ୍ଗଓ୍ୱାର ମନ୍ତ୍ରୀମାନଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ନୂଆ ରାଜ୍ୟ କ୍ୟାବିନେଟରେ ମୋଟ ୧୧ ଜଣ ମନ୍ତ୍ରୀଙ୍କୁ ସାମିଲ କରାଯାଇଛି।

ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚାର ୬, କଂଗ୍ରେସର ୪ ଓ ରାଷ୍ଟ୍ରୀୟ ଜନତା ଦଳର ଜଣେ ମନ୍ତ୍ରୀ ଅଛନ୍ତି।

ହେମନ୍ତ ସୋରେନଙ୍କ ମନ୍ତ୍ରିମଣ୍ଡଳରେ ଦୁଇ ଜଣ ମହିଳା ମନ୍ତ୍ରୀଙ୍କୁ ସାମିଲ କରାଯାଇଛି। ସୁଦିବ୍ୟ କୁମାର, ଚମରା ଲିଣ୍ଡା, ଯୋଗେନ୍ଦ୍ର ପ୍ରସାଦ, ରାମଦାସ ସୋରେନ, ଦୀପକ ବିରୁଆ ଏବଂ ହାଫିଜୁଲ ହାସନଙ୍କ ସମେତ ଜେଏମଏମର ୬ ଜଣ ମନ୍ତ୍ରୀ ଅଛନ୍ତି। ୪ ଜଣ କଂଗ୍ରେସ ମନ୍ତ୍ରୀ ହେଲେ ଦୀପିକା ପାଣ୍ଡେ ସିଂହ, ରାଧାକୃଷ୍ଣ କିଶୋର, ଇରଫାନ ଅନସାରୀ ଏବଂ ଶିଳ୍ପା ନେହା ତିର୍କୀ। ଆରଜେଡିର ଏକମାତ୍ର ମନ୍ତ୍ରୀ ହେଉଛନ୍ତି ସଞ୍ଜୟ ପ୍ରସାଦ ଯାଦବ। ପୂର୍ବରୁ ରାଜ୍ୟପାଳ ସନ୍ତୋଷ କୁମାର ଗଙ୍ଗୱାର ଜେଏମଏମର ବରିଷ୍ଠ ନେତା ଷ୍ଟିଫେନ୍ ମାରାଣ୍ଡିଙ୍କୁ କାମଚଳା ବାଚସ୍ପତି ଭାବେ ନିଯୁକ୍ତି ଦେଇଥିଲେ।

ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ନେତା ହେମନ୍ତ ସୋରେନ ଗତ ସପ୍ତାହରେ ଝାଡ଼ଖଣ୍ଡର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିଲେ। ୮୧ ଆସନ ବିଶିଷ୍ଟ ଝାଡ଼ଖଣ୍ଡ ବିଧାନସଭାରେ ଜେଏମଏମ, କଂଗ୍ରେସ ଓ ଆରଜେଡିକୁ ନେଇ ଗଠିତ ଇଣ୍ଡିଆ ମେଣ୍ଟ ୫୬ଟି ଆସନ ହାସଲ କରିଛି।

## ଏକ୍ସଟେଣ୍ଡେଡ୍-ବିକଶିତ ଭାରତ କୁଇଜ୍

ବିକଶିତ ଭାରତ କୁଇଜ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ସମୟସୀମାକୁ ଚଳିତ ମାସ ୧୦ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି ।

କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ ଏହି ବିଷୟ ଘୋଷଣା କରିଛନ୍ତି । ପୂର୍ବରୁ ଏହାର ଶେଷ ତାରିଖ ଡିସେମ୍ବର ୫ ଥିଲା । ମାଇଁ ଭାରତ ପ୍ଲାଟ୍‌ଫର୍ମରେ ପ୍ରତିଯୋଗୀମାନେ ଏହି କୁଇଜ୍‌ରେ ଭାଗ ନେଇପାରିବେ । ୧୫ରୁ ୨୯ ବର୍ଷ ବୟସର ଯୁବଗୋଷ୍ଠୀ ବିକଶିତ ଭାରତ କୁଇଜ୍‌ରେ ଭାଗ ନେବା ସହ ନିଜ ଚିନ୍ତାଧାରା ବ୍ୟକ୍ତ କରିପାରିବେ । କେନ୍ଦ୍ର ଯୁବବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରଣାଳୟ ଦେଶର ଯୁବଗୋଷ୍ଠୀଙ୍କୁ ଏହି ସୁଯୋଗ ପ୍ରଦାନ କରିଛି । ବିଜେତା ପ୍ରତିଯୋଗୀମାନଙ୍କୁ ଆସନ୍ତାବର୍ଷ ଜାନୁଆରୀ ୧୧ ଓ ୧୨ ତାରିଖରେ ନୂଆଦିଲ୍ଲୀର ଭାରତ ମଣ୍ଡପମରେ ବିକଶିତ ଭାରତ ସମ୍ପର୍କରେ ନିଜର ଦୃଷ୍ଟିକୋଣ ଓ ଚିନ୍ତାଧାରା ଉପସ୍ଥାପନ କରିବା ଲାଗି ସୁଯୋଗ ପାଇବେ ।

## ଫ୍ରାନ୍ସ-ଗଭ୍-କୋଲାପ୍ସ

ଫ୍ରାନ୍ସରେ ଅନାସ୍ଥା ପ୍ରସ୍ତାବରେ ହାରିଯିବା ପରେ ପ୍ରଧାନମନ୍ତ୍ରୀ ମିସେଲ ଓ୍ୱାର୍ଣ୍ଣିୟର ପଦରୁ ଇସ୍ତଫା ଦେଇଛନ୍ତି । ଫଳରେ ସେଠାକାର ସରକାର ଭାଙ୍ଗି ଯାଇଛି । ଫ୍ରାନ୍ସ ଇତିହାସରେ ଶ୍ରୀ ଓ୍ୱାର୍ଣ୍ଣିୟର ସବୁଠାରୁ କମ୍ ସମୟ ପାଇଁ ପ୍ରଧାନମନ୍ତ୍ରୀ ହୋଇଥିଲେ । ଗତକାଲି ଶ୍ରୀ ଓ୍ୱାର୍ଣ୍ଣିୟର୍ ଆନୁଷ୍ଠାନିକ ଭାବେ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରନଙ୍କୁ ଇସ୍ତଫାପତ୍ର ଦେବା ପରେ, ତାହା ଗୃହିତ ହୋଇଛି । ତେବେ ନୂଆ ସରକାର ଗଠନ ନ ହେବା

ପର୍ଯ୍ୟନ୍ତ ସେ କାମଚଳା ପ୍ରଧାନମନ୍ତ୍ରୀ ରହିବେ ବୋଲି ଫ୍ରାନ୍ସ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି ।

ଗତ ସନ୍ଧ୍ୟାରେ ୱ୍ରାର୍ଣ୍ଣିୟର୍‌ଙ୍କ ଇସ୍ତଫା ପରେ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରନ୍ ଦେଶବାସୀଙ୍କୁ ସମ୍ବୋଧିତ କରିଥିଲେ । ସେ କହିଥିଲେ, ୨୦୨୭ରେ ତାଙ୍କ କାର୍ଯ୍ୟକାଳ ଶେଷ ହେବା ପର୍ଯ୍ୟନ୍ତ ସେ ରାଷ୍ଟ୍ରପତି ଭାବେ କାର୍ଯ୍ୟ କରିବେ ଏବଂ ଆସନ୍ତା କିଛି ଦିନ ମଧ୍ୟରେ ସେ ନୂଆ ପ୍ରଧାନମନ୍ତ୍ରୀ ଘୋଷଣା କରିବେ । ୱ୍ରାର୍ଣ୍ଣିୟରଙ୍କ ସରକାର ଭାଙ୍ଗିବା ପଛରେ ଦକ୍ଷିଣପନ୍ଥୀଙ୍କୁ ଦୋଷୀ ବୋଲି କହିଛନ୍ତି ।

ଗତକାଲି ଫ୍ରାନ୍ସ ସଂସଦରେ ଆଗତ ଅନାସ୍ଥା ପ୍ରସ୍ତାବ ସପକ୍ଷରେ ୫୭୭ ଜଣ ସାଂସଦଙ୍କ ମଧ୍ୟରୁ ୩୩୧ ଜଣ ସାଂସଦ ଭୋଟ ଦେଇଥିଲେ । ଫ୍ରାନ୍ସର ଆର୍ଥିକ ନିଅଣ୍ଟକୁ ହ୍ରାସ କରିବା ନିମନ୍ତେ ପ୍ରଧାନମନ୍ତ୍ରୀ ୱ୍ରାର୍ଣ୍ଣିୟର୍ ପ୍ରୟାସ କରିବା ପରେ ଏଭଳି ପରିସ୍ଥିତି ଉପୁଜିଥିଲା । ସୂଚନା ଅନୁଯାୟୀ ୧୯୬୨ ପରେ ପ୍ରଥମଥର ପାଇଁ ଫ୍ରାନ୍ସର କୌଣସି ସରକାର ଅନାସ୍ଥା ପ୍ରସ୍ତାବରେ ପରାଜିତ ହୋଇଛି ।

## ନେପାଳ ପିଏମ୍

ନେପାଳ ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲି ଚାରି ଦିନିଆ ଚୀନ୍ ଗସ୍ତ ଶେଷ କରି କାଠମାଣ୍ଡୁ ପ୍ରତ୍ୟାବର୍ତ୍ତନ କରିଛନ୍ତି । ତ୍ରିଭୁବନ ଆନ୍ତର୍ଜାତିକ ବିମାନ ବନ୍ଦରରେ ଗଣମାଧ୍ୟମକୁ ଶ୍ରୀ ଓଲି କହିଛନ୍ତି, ତାଙ୍କ ଚୀନ୍ ଗସ୍ତ

ସଫଳ ହୋଇଛି । ଗସ୍ତ ଶେଷ କରି ଫେରିବା ପରେ ଉପ-ପ୍ରଧାନମନ୍ତ୍ରୀ ତଥା ସହରାଞ୍ଚଳ ବିକାଶ ମନ୍ତ୍ରୀ ପ୍ରକାଶ ମାନ ସିଂହ, ବରିଷ୍ଠ ସରକାରୀ ଅଧିକାରୀ ଏବଂ ସୁରକ୍ଷା ଏଜେନ୍ସି ମୁଖ୍ୟ ଶ୍ରୀ ଓଲିଙ୍କୁ ବିମାନ ବନ୍ଦରରେ ସ୍ୱାଗତ କରିଥିଲେ ।

ଶ୍ରୀ ଓଲି କହିଛନ୍ତି, ଚୀନ୍ ଗସ୍ତ ସମୟରେ ହୋଇଥିବା ବୁଝାମଣା ନେପାଳ ପାଇଁ ଲାଭଦାୟକ ହେବ । ନେପାଳ ଓ ଚୀନ୍ ମଧ୍ୟରେ ୯ଟି ଚୁକ୍ତି ସ୍ୱାକ୍ଷରିତ ହୋଇଥିବା ଜଣାପଡ଼ିଛି । ଏଥିରେ ଟନେଲ ନିର୍ମାଣ ପାଇଁ ସହାୟତା, ଦ୍ୱିପାକ୍ଷିକ ବାଣିଜ୍ୟ ପ୍ରୋତ୍ସାହନ, ବିକାଶ ମୂଳକ ପ୍ରକଳ୍ପର ଅଗ୍ରଗତି ଏବଂ ଅର୍ଥନୈତିକ ଓ ବୈଷୟିକ ସହାୟତା ଆଦି ବିଷୟ ରହିଛି ।

ଅନ୍ୟ ପକ୍ଷରେ ନେପାଳର ବିଭିନ୍ନ ପ୍ରକଳ୍ପ ପାଇଁ ଚୀନ୍ ୫୦୦ ନିୟୁତ ଚାଇନା ୟୁଆନ୍ ଅନୁଦାନ ଯୋଗାଇ ଦେବାକୁ ରାଜି ହୋଇଛି । ଏହି ଆର୍ଥିକ ସହାୟତାରେ ୨୦୧୭ ମସିହାରୁ ଆରମ୍ଭ ହୋଇଥିବା ବିଭିନ୍ନ ବିକାଶ ମୂଳକ ପ୍ରକଳ୍ପ ଗୁଡ଼ିକର ଅଗ୍ରଗତି ହୋଇପାରିବ । ଆସନ୍ତା ୫ ବର୍ଷ ପର୍ଯ୍ୟନ୍ତ ଚୀନ୍ ଏହି ସହାୟତା ଯୋଗାଇଦେବ ବୋଲି ଜଣାପଡ଼ିଛି ।

## କ୍ରିକେଟ୍-ଅଣ୍ଡର ନାଇଣ୍ଟିନ୍ ଏସିଆକପ୍

ସାରଜା ଠାରେ ଚାଲିଥିବା ୧୯ ବର୍ଷରୁ କମ୍ ଏସିଆକପ୍ କ୍ରିକେଟ୍ ଦିନିକିଆ ସେମିଫାଇନାଲ୍‌ରେ ଆଜି ଭାରତ ଓ ଶ୍ରୀଲଙ୍କା ମଧ୍ୟରେ ମୁକାବିଲା

ହେବ । ପୂର୍ବାହ୍ଣ ୧୦ଟା ୩୦ ମିନିଟ୍ ସମୟରେ ମ୍ୟାଚ୍ ଆରମ୍ଭ ହେବ । ଅନ୍ୟ ଏକ ସେମିଫାଇନାଲ୍‌ରେ ଦୁବାଇଠାରେ ପାକିସ୍ତାନ ଓ ବାଂଲାଦେଶ ମଧ୍ୟରେ ଆଜି ମୁକାବିଲା ହେବ ।

ଗ୍ରୁପ୍-ଏର ଶେଷ ମ୍ୟାଚ୍‌ରେ ଆୟୋଜକ ୟୁ.ଏ.ଇ.କୁ ୧୦ ୱିକେଟ୍‌ରେ ପରାସ୍ତ କରି ଭାରତ ସେମିଫାଇନାଲ୍‌ରେ ପ୍ରବେଶ କରିଛି । ଭାରତ’ ଜାପାନ ଏବଂ ୟୁ.ଏ.ଇ. ବିରୋଧରେ ବିଜୟ ହାସଲ କରି ଗ୍ରୁପ୍‌ର ଦ୍ୱିତୀୟ ସ୍ଥାନରେ ରହିଛି ।

# କ୍ରିକେଟ୍-ବିଜିଟି ଟେଷ୍ଟ

ପୁରୁଷ କ୍ରିକେଟରେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ବର୍ଡର ଗାଭାସ୍କର ଟ୍ରଫିର ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଆଜି ସକାଳୁ ଆଡିଲେଟ୍‌ର ଓଭାଲ୍‌ରେ ଆରମ୍ଭ ହେବ । ଭାରତୀୟ ସମୟ ସକାଳ ୯ଟା ୩୦ ମିନିଟ୍ ସମୟରେ ଖେଳ ଆରମ୍ଭ ହେବ । ଏଥିରେ ଗୋଲାପି ରଙ୍ଗର ବଲ ବ୍ୟବହାର କରାଯିବ । ପର୍ଥରେ ଖେଳାଯାଇଥିବା ପ୍ରଥମ ଟେଷ୍ଟରେ ବିଜୟ ପରେ ଭାରତ ୧-୦ରେ ସିରିଜ୍ ଅଗ୍ରଣୀ ରହିଛି ।